ଆଞ୍ଚଳିକ

The Samaja





## ରାଜ୍ୟରେ ଧନ୍ଦାମୂଳକ ଶିକ୍ଷାର ବିକାଶ ପାଇଁ କେନ୍ଦ୍ର ନିକଟରେ ୪୬୭କୋଟି ଟଙ୍କା ଦାବି

ଭୁବନେଶ୍ୱର (ନି.ପ୍ର.)- ରାଜ୍ୟରେ ଧନ୍ଦାମୂଳକ ଶିକ୍ଷାର ପ୍ରସାର ଓ ଅଭିବୃଦ୍ଧି ନିମନ୍ତେ ଏକାଦଶ ପଞ୍ଚବାର୍ଷିକ ଯୋଜନାକାଳରେ ଓଡ଼ିଶାକୁ ୪୬୭କୋଟି ଟଙ୍କା ଦେବା ପାଇଁ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଦାବି କରିଛନ୍ତି । ନୂଆଦିଲ୍ଲୀଠାରେ ଅନୁଷ୍ଠିତ ମାଧମିକ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ସର୍ବଶିକ୍ଷା ଅଭିଯାନ, ଉଚ୍ଚତର ଶିକ୍ଷାର ସ୍ଥିତି ଓ ତତ୍‌ସଂକ୍ରାନ୍ତୀୟ ବିଭିନ୍ନ ସମସ୍ୟା ନେଇ ଆଲୋଚନା ବୈଠକରେ ଉଚ୍ଚଶିକ୍ଷାମନ୍ତ୍ରୀ ସମୀର ଦେ ଏହି ଦାବି ଉଠାଇଛନ୍ତି । କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଅର୍ଜୁନ ସିଂହଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ବିଭିନ୍ନ ରାଜ୍ୟର ଉଚ୍ଚଶିକ୍ଷାମନ୍ତ୍ରୀମାନେ ଯୋଗଦେଇଥିଲେ । ଓଡ଼ିଶା ପକ୍ଷରୁ ଉଚ୍ଚଶିକ୍ଷାମନ୍ତ୍ରୀ ଶ୍ରୀ ଦେ ରାଜ୍ୟରେ ଥିବା ୨୩୧ଟି ଧନ୍ଦାମୂଳକ କଲେଜକୁ ସ୍ୱୟଂ ସମ୍ପୂର୍ଣ୍ଣ କରିବା ସହ ଧନ୍ଦାମୂଳକ ଶିକ୍ଷାର ବିକାଶ ଓ ଅଭିବୃଦ୍ଧି ପାଇଁ ୪୬୭କୋଟି ଟଙ୍କା ଯୋଗାଇଦେବାକୁ ଦାବି କରିଥିଲେ । ଏହା ବ୍ୟତୀତ ଅନଗ୍ରସର ଓ ଆଦିବାସୀ ବହୁଳ କେବିକେ ଅଞ୍ଚଳରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଅନୁରୋଧ କରିଥିଲେ । ସେ କହିଲେ ଯେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ବହୁବାର ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲେ ଓଡ଼ିଶା ସମେତ ଛତିଶଗଡ ଓ ଆନ୍ଧ୍ରପ୍ରଦେଶର ମେଧାବୀ ଛାତ୍ରଛାତ୍ରୀମାନେ ଉପକୃତ ହେବେ । ରାଜ୍ୟରେ ଦ୍ରୁତ ଶିଳ୍ପାୟନ ଦୃଷ୍ଟିରୁ ଏକ ଆଇଆଇଟି ପ୍ରତିଷ୍ଠା କରିବା ନିହାତି ଆବଶ୍ୟକ ହେଉଛି । ତେଣୁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରଠାରେ ଥିବା ଖଡଗପୁର ଆଇଆଇଟିର ଶାଖାକୁ ଏକ ପୂର୍ଣ୍ଣାଙ୍ଗ ଆଇଆଇଟିରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଏହି ଶିକ୍ଷାନୁଷ୍ଠାନ ପାଇଁ ରାଜ୍ୟ ସରକାର ୩୦୦ଏକର ଜମି ବିନା ମୂଲ୍ୟରେ ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଭୁବନେଶ୍ୱରଠାରେ ନୂତନ ଭାବେ ପ୍ରତିଷ୍ଠା ହେବାକୁ ଥିବା ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନକୁ ବାଙ୍ଗାଲୋରର ଆଇଆଇଏସ୍‌ସି ଢାଞ୍ଚାରେ ନର୍ମାଣ କରିବା, କେନ୍ଦ୍ରୀୟ ଆଇନ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା, ଓଡ଼ିଶାରେ ଓସେନ୍‌ଗ୍ରାଫି ଓ ମେରାଇନ ଇଞ୍ଜିନିୟରିଂ କଲେଜ ଖୋଲିବା, ମହାବିଦ୍ୟାଳୟମାନଙ୍କର ଭିତ୍ତିଭୂମି ବିକାଶ ପାଇଁ ଆବଶ୍ୟକ ଅନୁଦାନ ଦେବା, କଲେଜ ତଥା ବିଶ୍ୱବିଦ୍ୟାଳୟରେ ଇ-ଗଭର୍ଣ୍ଣାନ୍ସ ସୁବିଧା ପାଇଁ ଅନୁଦାନ ଦେବା, ରାଜ୍ୟ ସରକାର ସରକାରୀ ତଥା ଅନୁଦାନାପ୍ରାପ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ପାଇଁ ନାକ୍ ଆକ୍ରିଡେସନ ବାଧ୍ୟତାମୂଳକ କରିଥିବାରୁ ଏହାକୁ ଅଗ୍ରାଧିକାର ଭିତ୍ତିରେ ସମ୍ପନ୍ନ କରିବା ପାଇଁ ସେ ଦାବି କରିଥିଲେ । ଏହାବ୍ୟତୀତ ରାଜ୍ୟର ଗରିବ ଓ ମେଧାବୀ ଛାତ୍ରଙ୍କ ସାହାଯ୍ୟାର୍ଥେ କେନ୍ଦ୍ର ସରକାରଙ୍କ ସହାୟତାରେ ଏକ ରାଜ୍ୟ ଶିକ୍ଷା ବ୍ୟାଙ୍କ ଖୋଲିବା, ରାଜ୍ୟର ବିପୁଳ ଖଣିଜ ସମ୍ପଦ ଦୃଷ୍ଟିରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଓଡ଼ିଶାରେ ଏକ ଭାରତୀୟ ଖଣିଜ ବିଜ୍ଞାନ ପ୍ରତିଷ୍ଠାନ ଖୋଲିବା, ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଆର୍ଥିକ ସହାୟତା ଯୋଗାଇଦେବା ଓ ଯୁକ୍ତ ଦୁଇ ସ୍ତରର ଏକ ଏକାଡେମିକ୍ ଷ୍ଟାଫ୍ କଲେଜ ଖୋଲିବା ପାଇଁ ଶ୍ରୀ ଦେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି ।






The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919. Published simultaneously from Cuttack, Vizag,Bhubaneswar, Rourkela, Sambalpur & Kolka
Hosted and Maintained by **Suryanandan.Net**